## ଜୁଆ ଆଡ୍ଡାରେ ଚଢ଼ାଉ

ଆନନ୍ଦପୁର,(ସ୍ୱ.ପ୍ର.): କେନ୍ଦୁଝର ଜିଲା ରାମଚନ୍ଦ୍ରପୁର ଥାନା ପକ୍ଷରୁ ସାପ୍ତାହିକ ହାଟରେ ଚାଲିଥିବା ଜୁଆ ଆଡ୍ଡାରେ ଚଢ଼ାଉ କରାଯାଇଛି। ପୋଲିସ ନଗଦ ଟଙ୍କା, ଏକ କାର, କୁକୁଡ଼ା ଓ କାତି ଜବତ କରିଛି। ୫ ଅଭିଯୁକ୍ତଙ୍କୁ ଗିରଫ କରିଛି। ରାମଚନ୍ଦ୍ରପୁର ଥାନା ଅଧୀନ ସାପୁଆ ସାହି ସାପ୍ତାହିକ ହାଟରେ କୁକୁଡ଼ା ଲଢ଼େଇ ସହ ଜୁଆଖେଳ ଚାଲିଥିଲା। ସୂଚନା ପାଇ ପୁଲିସ୍ ଚଢ଼ାଉ କରିଥିଲା। ଅଭିଯୁକ୍ତମାନେ ବ୍ୟବହାର କରୁଥିବା ଏକ କାର, ନଗଦ ୨୧ ହଜାର ୬୯୦ଟଙ୍କା, କୁକୁଡ଼ା ପୋଲିସ ଜବତ କରିଥିଲା।

## ଆଜି କ'ଣ କେଉଁଠି

**ବାଲେଶ୍ୱର**

- ବାଲେଶ୍ୱର-ଭଦ୍ରକ କେନ୍ଦ୍ରୀୟ କୋ-ଅପରେଟିଭ ବ୍ୟାଙ୍କ ନିର୍ଦ୍ଦେଶକ ନିର୍ବାଚନ। ସ୍ଥାନ: ମିଶନ ପଡ଼ିଆ, ସମୟ: ପୂର୍ବାହ୍ନ ୮ଟା।
- ସ୍ୱେଚ୍ଛାକୃତ ରକ୍ତଦାନ ଶିବିର। ସ୍ଥାନ: ରାମକୃଷ୍ଣପୁର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ଅବଜଣା, ସମୟ: ପୂର୍ବାହ୍ନ ୮ଟା।
- ଭ୍ରାମ୍ୟମାଣ 'ସଞ୍ଚୟ ରଥ'ର ଶୁଭାରମ୍ଭ, ସ୍ଥାନ: ଜିଲାପାଳ ଅଫିସ୍, ସମୟ: ପୂର୍ବାହ୍ନ ୯ଟା ୩୦ମିନିଟ୍।
- ଆଉଟସୋର୍ସିଂ କର୍ମଚାରୀ ସମାବେଶ, ସ୍ଥାନ: ବ୍ରିଟ୍ କଲ୍ୟାଣ ମଣ୍ଡପ, ସମୟ: ପୂର୍ବାହ୍ନ ୧୧ଟା।

**ଭଦ୍ରକ**

- ବାସୁଦେବପୁର ଗାନ୍ଧୀ ସ୍ୱାଧୀନତା ସଂଗ୍ରାମୀ ଗୌରାଙ୍ଗ ଚନ୍ଦ୍ର ମହାନ୍ତିଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ ଉତ୍ସବ, ସ୍ଥାନ: ଶହୀଦ ପୀଠ, ଇରମ, ବାସୁଦେବପୁର, ସମୟ: ପୂର୍ବାହ୍ନ ୯ଟା।
- ଭଦ୍ରକାଳୀ ପୀଠ ମହାଯଜ୍ଞର ପୂର୍ଣ୍ଣାହୁତି, ସ୍ଥାନ: ଭଦ୍ରକାଳୀ ପୀଠ, ସମୟ: ଅପରାହ୍ନ ୫ଟା୧୫।

# କାର୍ଯ୍ୟଧାରା ନେଇ ଅସନ୍ତୋଷ ପ୍ରକାଶ କଲେ ଜିଲାପାଳ

**ଭଦ୍ରକ ଅଫିସ, ୨୯।୧୦**


ବୈଠକରେ ଉପସ୍ଥିତ ଜିଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦରଙ୍କ ସହ ଅଧିକାରୀମାନେ।

ଧାମନଗର ଉପନିର୍ବାଚନ ନେଇ ଶୁକ୍ରବାର ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ସମୀକ୍ଷା ପରେ କାର୍ଯ୍ୟାନୁଷ୍ଠାନ ପାଇଁ କଡ଼ାକଡ଼ି ପଦକ୍ଷେପ ନେବାକୁ ଜିଲା ପ୍ରଶାସନ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ଧରପଗଡ଼ ପାଇଁ ପୂର୍ବରୁ ୩ଟି ଲେଖାଏ ଫ୍ଲାଇଂ ସ୍କ୍ୱାଡ୍ ଓ ଷ୍ଟାଟିକ୍ ସର୍ଭେଲାନ୍ସ ଟିମ୍ ଗଠନ କରାଯାଇଥିଲା। ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ନିର୍ଦ୍ଦେଶ କ୍ରମେ ଆଉ ୬ଟି ଲେଖାଏ ବୃଦ୍ଧି କରାଯାଇ ୯ଟି ଟିମ୍ ଗଠନ କରାଯାଇଛି। ପୁନର୍ଗଠିତ ଏହି ୯ ଟିମ୍‌ର ଅଧିକାରୀ ଓ ଅନ୍ୟ କର୍ମଚାରୀମାନଙ୍କୁ ନେଇ ଶୁକ୍ରବାର ସନ୍ଧ୍ୟାରେ ସଦ୍‌ଭାବନା ସଭାଗୃହରେ ଜିଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦରଙ୍କ ଅଧ୍ୟକ୍ଷତାରେ ଏକ ଜରୁରୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ଅଦ୍ୟାବଧି ସ୍କ୍ୱାଡ୍‌ମାନଙ୍କ କାର୍ଯ୍ୟଧାରା ତଥା କୌଣସି ଆଖିଦୃଶିଆ ଧରପଗଡ଼ ହୋଇ ନ ଥିବାରୁ ଜିଲାପାଳ ଅସନ୍ତୋଷ ପ୍ରକାଶ କରିଛନ୍ତି। କାର୍ଯ୍ୟରେ ଅବହେଳା କଲେ ସମ୍ପୃକ୍ତ ଅଧିକାରୀ କିମ୍ବା କର୍ମଚାରୀମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସେ କହିଛନ୍ତି।

ସରକାରୀ ଜାଗା, ଅନୁମତି ମିଳି ନ ଥିବା ଘରୋଇ ଜାଗାରେ ଲାଗିଥିବା ବ୍ୟାନର, ପୋଷ୍ଟର ଉଚ୍ଛେଦ, କାନ୍ଥ ଲେଖାକୁ ଲିଭାଇବା, ଅବୈଧ ଭାବେ ଆୟୋଜନ କରାଯାଇଥିବା ବୈଠକ, ଭୋଜିଭାତ, ପ୍ରଚାର ଗାଡ଼ି ଆଦିକୁ ବନ୍ଦ କରାଯିବା, ଅବୈଧ ଭାବେ ବହୁ ପରିମାଣରେ ଟଙ୍କା, ମାଦକ ଦ୍ରବ୍ୟ ଚାଲାଣକୁ ତନଖି ଓ ଜବତ କରିବା ଆଦି ଦିଗରେ ନିରପେକ୍ଷ ଭାବେ ଦୃଢ଼ ପଦକ୍ଷେପ ନେବାକୁ ଜିଲାପାଳ ଉପସ୍ଥିତ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ପ୍ରତିଦିନ କାର୍ଯ୍ୟର ରିପୋର୍ଟ ଦେବା ସମ୍ପର୍କରେ ଉପଜିଲାପାଳ ମନୋଜ ପାତ୍ର ଓ ଅତିରିକ୍ତ ଜିଲାପାଳ ଶାନ୍ତନୁ କୁମାର ମହାନ୍ତି କହିଥିଲେ। ଜନସାଧାରଣଙ୍କ ଅଭିଯୋଗ ଗ୍ରହଣ କରିବା ସହ ତୁରନ୍ତ କାର୍ଯ୍ୟାନୁଷ୍ଠାନ ନେବା ପାଇଁ କହିଥିଲେ ଅତିରିକ୍ତ ଜିଲାପାଳ ରାମଦାସ ଟୁଡୁ। ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରତାପ ପ୍ରୀତିମୟ ଓ ନିର୍ବାଚନ ଅଧିକାରୀ ତଥା ଅତିରିକ୍ତ ଉପଜିଲାପାଳ ଡ. ଲକ୍ଷ୍ମୀପ୍ରସାଦ ସାହୁଙ୍କ ସମେତ ସମସ୍ତ ବିଡିଓ ଏବଂ ତହସିଲଦାର ବୈଠକରେ ଉପସ୍ଥିତ ଥିଲେ। ଉଭୟ ଫ୍ଲାଇଂସ୍କ୍ୱାଡ୍ ଏବଂ ଷ୍ଟାଟିକ୍ ସର୍ଭେଲାନ୍ସ ଟିମ୍‌ର ୩ଟି ଲେଖାଏ ଦଳକୁ ସକାଳ ୬ଟାରୁ ଅପରାହ୍ନ ୨ଟା ଏବଂ ୬ଟି ଲେଖାଏ ଦଳକୁ ଅପରାହ୍ନ ୨ଟାରୁ ରାତି ୧୦ଟା ପର୍ଯ୍ୟନ୍ତ କାର୍ଯ୍ୟରେ ନିୟୋଜିତ କରାଯାଇଛି।

**ଧାମନଗର ଉପନିର୍ବାଚନ**

**ଫ୍ଲାଇଂ ସ୍କ୍ୱାଡ୍, ସର୍ଭେଲାନ୍ସ ଟିମ୍ ସଂଖ୍ୟା ବୃଦ୍ଧି**

# ଭୋଟ ଗଣତି ପାଇଁ ତାଲିମ

**ଭଦ୍ରକ ଅଫିସ, ୨୯।୧୦**

ଧାମନଗର ଉପନିର୍ବାଚନ ପାଇଁ ନଭେମ୍ବର ୩ରେ ଭୋଟ୍ ଗ୍ରହଣ ଓ ୬ରେ ଗଣତି ହେବ। ଭଦ୍ରକ ଜିଲା ସଂସ୍କୃତି ଭବନର ୧ମ ମହଲା ସମ୍ମିଳନୀ କକ୍ଷରେ ହେବାକୁ ଥିବା ଏହି ଗଣତି ସକାଳ ୮ଟାରୁ ଆରମ୍ଭ ହେବ। ସକାଳ ୭ଟା ପୂର୍ବରୁ ଗଣତି କାର୍ଯ୍ୟ ପାଇଁ ନିୟୋଜିତ ସମସ୍ତ ଅଧିକାରୀ, କର୍ମଚାରୀ, ପ୍ରାର୍ଥୀ ବା ତାଙ୍କ ପ୍ରତିନିଧି ଗଣତି କେନ୍ଦ୍ରରେ ଉପସ୍ଥିତ ହେବା ପାଇଁ କୁହାଯାଇଛି। ୧୪ ଟେବୁଲରେ ଅର୍ଥାତ୍ ଗୋଟିଏ ରାଉଣ୍ଡରେ ୧୪ଟି ଇଭିଏମ୍ ଖୋଲାଯାଇ ଭୋଟ ଗଣତି ହେବ। ଏଥିପାଇଁ ନିୟୋଜିତ ହୋଇଥିବା ଅଧିକାରୀମାନଙ୍କୁ ଶନିବାର ତାଲିମ ପ୍ରଦାନ କରାଯାଇଛି। ଜିଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର, ସାଧାରଣ ପର୍ଯ୍ୟବେକ୍ଷକ ନିରଞ୍ଜନ କୁମାର, ଅତିରିକ୍ତ ଜିଲାପାଳ ରାମଦାସ ଟୁଡୁ, ଶାନ୍ତନୁ କୁମାର ମହାନ୍ତି, ନିର୍ବାଚନ ଅଧିକାରୀ ତଥା ଅତିରିକ୍ତ ଉପଜିଲାପାଳ ଡ. ଲକ୍ଷ୍ମୀପ୍ରସାଦ ସାହୁ ପ୍ରମୁଖଙ୍କ ଉପସ୍ଥିତିରେ ସଦ୍‌ଭାବନା ସଭାଗୃହରେ ମାଷ୍ଟର ଟ୍ରେନରମାନଙ୍କ ଦ୍ୱାରା ତାଲିମ ଦିଆଯାଇଛି। ପ୍ରଥମେ ଡାକଭୋଟ ଗଣତି ପରେ ଇଭିଏମ୍ ଗଣତି ଆରମ୍ଭ କରାଯିବ। ସୂଚନାଯୋଗ୍ୟ, ପ୍ରତି ଗଣତି ଟେବୁଲରେ ଜଣେ କାଉଣ୍ଟିଂ ସୁପରଭାଇଜର, ଜଣେ କାଉଣ୍ଟିଂ ଆସିଷ୍ଟାଣ୍ଟ ଏବଂ ଜଣେ ମାଇକ୍ରୋ ଅବ୍‌ଜରଭର ନିୟୋଜିତ ରହିବେ। ତାଲିମ ଗ୍ରହଣ କରିଥିବା ଅଧିକାରୀମାନେ ଭୋଟ୍ ଗଣତି ପୂର୍ବଦିନ ଅର୍ଥାତ୍ ନଭେମ୍ବର ୫ରେ ଡମି ଗଣତି କାର୍ଯ୍ୟରେ ଅଂଶଗ୍ରହଣ କରିବେ।

# ହତ୍ୟାକାରୀଙ୍କୁ ଆଜୀବନ କାରାଦଣ୍ଡ

**ବାରିପଦା ଅଫିସ, ୨୯।୧୦**

ମୟୂରଭଞ୍ଜ ଅତିରିକ୍ତ ଜିଲା ଓ ଦୌରାଜଜ୍ ତଥା ସ୍ୱତନ୍ତ୍ର କୋର୍ଟରେ ଶନିବାର ଏକ ହତ୍ୟା ମାମଲାର ରାୟ ପ୍ରକାଶ ପାଇଛି। ଜଜ୍ ପ୍ରବୀର କୁମାର ଚୌଧୁରୀ ଏହାର ବିଚାର କରି ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ କରି ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଏହାସହିତ ୫ହଜାର ଟଙ୍କା ଜରିମାନା କରିଛନ୍ତି। ଜରିମାନା ଅନାଦେୟ ଅଧିକ ୬ମାସ ଜେଲ୍‌ଦଣ୍ଡ ଭୋଗିବାକୁ ରାୟରେ କୁହାଯାଇଛି। ଅଭିଯୁକ୍ତ ହେଲେ କୁଳିଅଣା ଥାନା ଅଧୀନ ଆମ୍ବଡୁବି ଗ୍ରାମର ସୁରେନ ସିଂ(୫୨)। ୨୦୧୭ ଜୁନ୍ ୮ରେ କୌଣସି କାରଣରୁ ସୁରେନଙ୍କର ତାଙ୍କ ସାଙ୍ଗ ଧନଞ୍ଜୟ ନାଏକଙ୍କ ସହ ଗଣ୍ଡଗୋଳ ହୋଇଥିଲା। ଏଥିରେ ଉତ୍‌କ୍ଷିପ୍ତ ହୋଇ ସୁରେନ ଏକ ଧାରୁଆ ଛୁରୀରେ ଧନଞ୍ଜୟଙ୍କ ପଛପଟୁ ବେକରେ ଆକ୍ରମଣ କରବାରୁ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିଲା। ମୃତକଙ୍କ ଭାଇଙ୍କ ଅଭିଯୋଗକ୍ରମେ ପୋଲିସ ହତ୍ୟା ମାମଲା ରୁଜୁ କରି ସାଇଣ୍ଟିଫିକ ଟିମ୍ ସହାୟତାରେ ତଦନ୍ତ ଆରମ୍ଭ କରିଥିଲା। ୨୬ଜଣଙ୍କ ସାକ୍ଷୀଙ୍କ ବୟାନ, ପୋଲିସ, ସାଇଣ୍ଟିଫିକ ଟିମ୍‌ର ତଦନ୍ତ ରିପୋର୍ଟ ଓ ଡାକ୍ତରୀ ରିପୋର୍ଟକୁ ଭିତ୍ତି କରି ଜଜ୍ ଉପରୋକ୍ତ ଶୁଣାଣି କରିଛନ୍ତି। ଉକ୍ତ ମାମଲାକୁ ସରକାରୀ ଆଇନଜୀବୀ କୃଷ୍ଣଚନ୍ଦ୍ର ଦାସ ପରିଚାଳନା କରୁଥିଲେ।

# ଗୁରୁକୁଳରେ ଋଷି ନିର୍ବାଣ ଦିବସ

ରୂପସା, ୨୯।୧୦(ଡି.ଏନ.ଏ.)-ବାଲେଶ୍ୱର ସଦର ବ୍ଲକ ଅଧୀନ ପିଣ୍ଟାବଣିଆ ବୈଦିକ ଗୁରୁକୁଳ ଆଶ୍ରମରେ ଋଷି ନିର୍ବାଣ ଦିବସ ପାଳିତ ହୋଇଯାଇଛି। ବୈଦିକ ଗୁରୁକୁଳ ଆଶ୍ରମର ସଂସ୍ଥାପକ ସ୍ୱାମୀ ସ୍ୱରୂପାନନ୍ଦ ସରସ୍ୱତୀ ମହର୍ଷି ଦୟାନନ୍ଦ ସରସ୍ୱତୀଙ୍କ ମହାପ୍ରୟାଣ ଦିବସରେ ଆଶ୍ରମ ସଞ୍ଚାଳକ ଆଚାର୍ଯ୍ୟ ବିଜୟ ଜୀଙ୍କ ସଂଯୋଜନା କରିଥିଲେ। ଜିଲାପରିଷଦ ସଭ୍ୟ ସଞ୍ଜୟ କୁମାର ସେଠୀ ପୌରୋହିତ୍ୟ କରିଥିଲେ। ମୁଖ୍ୟଅତିଥି ଭାବେ ସମୟର ଚକ୍ରର ସମ୍ପାଦକ ସର୍ବେଶ୍ୱର ଜେନା, ସମ୍ମାନିତ ଅତିଥି ସାମାଜିକ କର୍ମୀ ସୁମନ୍ତ କୁମାର ଜେନା, ସାହିତ୍ୟିକ ରମେଶ ଚନ୍ଦ୍ର ଦାସ ପ୍ରମୁଖ ଯୋଗଦେଇଥିଲେ। ପଣ୍ଡିତ ସୁରେନ୍ଦ୍ର ସିଂହ ବେଦମନ୍ତ୍ର ପାଠ କରିଥିଲେ। ସାହିତ୍ୟିକ ରମେଶ ଚନ୍ଦ୍ର ଦାସଙ୍କୁ 'ମାଟି ଗୌରବ ସମ୍ମାନ -୨୦୨୨' ଓ ସାମାଜିକ କର୍ମୀ ସୁମନ୍ତ ଜେନାଙ୍କୁ 'ସଫଳ ବ୍ୟବସାୟୀ ସମ୍ମାନ-୨୦୨୨' ପ୍ରଦାନ କରାଯାଇଥିଲା। ସାମାଜିକ କର୍ମୀ ଭଗବାନ ମହାପାତ୍ର, ରବୀନ୍ଦ୍ର ବେହେରା, ଅନ୍ତର୍ଯ୍ୟାମୀ ମହାପାତ୍ର, ଅରୁଣ ସେଠୀ ଓ ଅବସରପ୍ରାପ୍ତ ଶିକ୍ଷୟିତ୍ରୀ ମୀନାକ୍ଷୀ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଆଶ୍ରମ ମୁଖ୍ୟ ସହଯୋଗୀ ଅନନ୍ତ କୁମାର ସାହୁ ଧନ୍ୟବାଦ ଦେଇଥିଲେ।

# ସରିଲା ବାନ୍ଦଣା ଉତ୍ସବ

ମୋରଡା,୨୯।୧(ଡି.ଏନ.ଏ.)-ମୟୂରଭଞ୍ଜ ଜିଲା ମୋରଡ଼ା ବ୍ଲକ ଗଡ଼ିଗାଁ ପଞ୍ଚାୟତରେ ଚାଲିଥିବା ବାନ୍ଦଣା ଉତ୍ସବ-୨୦୨୨ ଦୁଇଦିନ ବ୍ୟାପୀ ଅନୁଷ୍ଠିତ ହୋଇଯାଇଛି। ଶନିବାର ଉଦ୍‌ଯାପନୀ ସନ୍ଧ୍ୟାରେ ଶିକ୍ଷକ ହରେନ୍ଦ୍ର ମହାନ୍ତଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ରାଜ୍ୟ ସଭା ଏମ୍‌ପି ମମତା ମହାନ୍ତ, ସମ୍ମାନିତ ଅତିଥି ଭାବେ ଡା. ମନୋଜ କୁମାର ମହାନ୍ତ ଯୋଗଦେଇ କୁଡୁମୀ ଭାଇଭଉଣୀମାନେ ଏହି ଭାଷା, ସଂସ୍କୃତିର ସୁରକ୍ଷା ଓ ବିକାଶ ଦିଗରେ ଆଗେଇ ଆସିବାକୁ ଆହ୍ୱାନ ଦେଇଥିଲେ। ଚଳିତବର୍ଷ ଉତ୍ସବରେ ସ୍ୱତନ୍ତ୍ର ଭାବେ ପୂଜ୍ୟପୂଜା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଦୀର୍ଘବର୍ଷ ଧରି ଏହି ଉତ୍ସବ ସହ ଜଡ଼ିତ ଗ୍ରାମର ବୟୋଜ୍ୟେଷ୍ଠ ବ୍ୟକ୍ତି ସନ୍ତୋଷ ମହାନ୍ତ, ହାଡ଼ିବନ୍ଧୁ ମହାନ୍ତ, କଟ ମହାକୁଡ, କାର୍ତ୍ତିକ ମହାନ୍ତ, ଛୋଟରାୟ ମହାନ୍ତ, ବିଜୟ ମହାନ୍ତ, ଶ୍ୟାମସୁନ୍ଦର ମହାନ୍ତ, ଚକ୍ରଧର ମହାନ୍ତ, ପିରେଶ୍ୱର ମହାନ୍ତ, ଅବସରପ୍ରାପ୍ତ ଶିକ୍ଷକ ସୀତାନାଥ ମହାନ୍ତ, ଅବସରପ୍ରାପ୍ତ ସାମରିକ କର୍ମଚାରୀ ଉମେଶ ଚନ୍ଦ୍ର ମହାନ୍ତ, ଅନନ୍ତ କୁମାର ମହାନ୍ତ ଓ ବାଲୁକାଶିଳ୍ପୀ ହିମାଂଶୁ ମହାନ୍ତଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଦେବାଶିଷ ମହାନ୍ତ, ପୂର୍ଣ୍ଣଚନ୍ଦ୍ର ମହାନ୍ତ, ଶୁକଦେବ ମହାକୁଡ, ରାଜେନ୍ଦ୍ର ମହାନ୍ତ ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

# ବିଜେଡି ପାଇଁ ପ୍ରଚାର କଲେ ପୂର୍ବତନ ବିଧାୟକଙ୍କ ପରିବାର




ଧାମନଗରରେ ପୂର୍ବତନ ବିଧାୟକ ହୃଦାନନ୍ଦ ମଲ୍ଲିକଙ୍କ ପରିବାର ସଦସ୍ୟ ପ୍ରଚାର କରୁଛନ୍ତି। ତିହିଡ଼ି ବ୍ଲକ ଅଚକ ପଞ୍ଚାୟତରେ ଅନୁଷ୍ଠିତ ବିଜେଡିର ନିର୍ବାଚନୀ ସଭା।

**ଧାମନଗର/ପଦ୍ମପୁର,୨୯।୧୦(ସ୍ୱ.ପ୍ର./ଡି.ଏନ.ଏ.)**

ଧାମନଗର ଉପନିର୍ବାଚନ ଆଉ ମାତ୍ର ୪ ଦିନ ବାକି ଥିବାବେଳେ ପ୍ରାର୍ଥୀମାନଙ୍କ ପ୍ରଚାର ଜୋରଦାର ହୋଇଛି। ପ୍ରାର୍ଥୀଙ୍କ ପାଇଁ ଦଳର ହେଭିୱେଟମାନେ ପ୍ରଚାର ମଇଦାନକୁ ଓହ୍ଲାଇ ଲୋକଙ୍କୁ ଭୋଟ୍‌ଭିକ୍ଷା କରୁଛନ୍ତି। ଭୋଟରଙ୍କୁ ବିଭିନ୍ନ ପ୍ରତିଶ୍ରୁତି ଦେଇ ଦଳୀୟ ପ୍ରାର୍ଥୀଙ୍କ ସପକ୍ଷରେ ଭୋଟ୍ ହାତେଇବା ଲାଗି କସରତ ଚଳାଇଛନ୍ତି। ବିଜେଡି ପ୍ରାର୍ଥିନୀ ଅବନ୍ତୀ ଦାସଙ୍କ ପାଇଁ ପ୍ରଚାର କରିଛନ୍ତି ନିର୍ବାଚନମଣ୍ଡଳୀରେ ଦବ୍‌ଦବା ଓ ଜନସମର୍ଥନ ଥିବା ପୂର୍ବତନ ବିଧାୟକ ସ୍ୱର୍ଗତ ହୃଦାନନ୍ଦ ମଲ୍ଲିକଙ୍କ ପରିବାର। ଜିଲା ପରିଷଦ ସଭ୍ୟ ପ୍ରଦୀପ ମଲ୍ଲିକ, ଭଦ୍ରକ ବିଧାୟକ ସଞ୍ଜୀବ ମଲ୍ଲିକ ଓ ବିଜେଡିର ରାଜ୍ୟ ମୁଖପାତ୍ର ଅମିତ୍ ମଲ୍ଲିକ ନିର୍ବାଚନ ପ୍ରଚାରରେ ସକ୍ରିୟ ହୋଇଛନ୍ତି। ଦଳର ରାଜ୍ୟ ସଙ୍ଗଠନ ସମ୍ପାଦକ ପ୍ରଣବ ପ୍ରକାଶ ଦାସଙ୍କ ପରାମର୍ଶ କ୍ରମେ ଧାମନଗର ଲୋକପ୍ରିୟ ନେତା ପୂର୍ବତନ ବିଧାୟକ ସ୍ୱର୍ଗତ ମାନସ ମଲ୍ଲିକଙ୍କ ଧର୍ମପତ୍ନୀ ନିରୁପମା ମଲ୍ଲିକ ଏବଂ ପୁଅ ତଥା ଦଳର ମୁଖପାତ୍ର ଅମିତ୍ ପ୍ରଚାରରେ ସାମିଲ ଥିଲେ। ଧାମନଗର ବ୍ଲକର ଅର୍ଜୁନପୁର, ଧୂଷୁରୀ, ଭଟସାହି, ଧାମନଗର, ଦୋବଲ, ଆନନ୍ଦପୁର, ମୁସ୍ତଫାପୁର ଆଦି ପଞ୍ଚାୟତ ବୁଲି ସେମାନେ ଅବନ୍ତୀଙ୍କ ପାଇଁ ଭୋଟ୍ ଭିକ୍ଷା କରିଛନ୍ତି।

ସେହିପରି ବାସୁଦେବପୁର ବିଧାୟକ ବିଷ୍ଣୁବ୍ରତ ରାଉତରାୟଙ୍କ ନେତୃତ୍ୱରେ ଶନିବାର ତିହିଡ଼ି ବ୍ଲକରେ ଅବନ୍ତୀଙ୍କ ପାଇଁ ପ୍ରଚାର କରାଯାଇଛି। ଏହି ବ୍ଲକର ତାଳପଦା, ଗୁଆମାଳ, ଦୋଳସାହି, ଅଚକ ଓ ପାଳିଆ ପଞ୍ଚାୟତରେ ବିଜେଡିର ନିର୍ବାଚନୀ ସଭା ଅନୁଷ୍ଠିତ ହୋଇଥିଲା। ରାଜ୍ୟସଭା ଏମ୍‌ପି ମୁନ୍ନା ଖାଁ, ବଡ଼ମ୍ବା ବିଧାୟକ ଦେବୀପ୍ରସାଦ ମିଶ୍ର, ବାସୁଦେବପୁର ବିଧାୟକଙ୍କ ପ୍ରତିନିଧି ଅସିତ କୁମାର ଦାସ, ଛାତ୍ରନେତା କାଳନ୍ଦୀ ସାହୁଙ୍କ ସହ ସାମାଜିକ କର୍ମୀ କୃଷ୍ଣଚନ୍ଦ୍ର ଘଡ଼େଇ, ଅଶୋକ କୁମାର ନାୟକ ଓ ସରପଞ୍ଚ ଗୌରୀଶଙ୍କର ଜେନା ସଭାରେ ଯୋଗ ଦେଇଥିଲେ। ରାଜ୍ୟରେ ବିକାଶର ଧାରା ଆଗେଇ ନେବା ପାଇଁ ଧାମନଗର ଉପନିର୍ବାଚନରେ ଦଳୀୟ ପ୍ରାର୍ଥିନୀ ଅବନ୍ତୀଙ୍କୁ ଜିତାଇବା ପାଇଁ ଉପସ୍ଥିତ ନେତୃବୃନ୍ଦ ଜନସାଧାରଣଙ୍କୁ ନିବେଦନ କରିଥିଲେ।

# ଅସ୍ତ୍ରୋପଚାର ପରେ ସ୍ୱାସ୍ଥ୍ୟାବସ୍ଥାରେ ସୁଧାର

**ଚମକପୁର ଜଙ୍ଗଲରେ ଦନ୍ତାର ଚିକିତ୍ସା ଘଟଣା**

**ଚମ୍ପୁଆ/ଯୋଡ଼ା,୨୯।୧୦(ଡି.ଏନ.ଏ)**



କେନ୍ଦୁଝର ଜିଲା ଚମ୍ପୁଆ ରେଞ୍ଜ ଚମକପୁର ଜଙ୍ଗଲରେ ୧୦ ଦିନ ତଳେ ଠାବ ଅସୁସ୍ଥ ଦନ୍ତାର ସ୍ୱାସ୍ଥ୍ୟରେ ସୁଧାର ଆସିଛି। ଅସୁସ୍ଥ ହାତୀ ଚମକପୁର ଗ୍ରାମ୍ୟ ଜଙ୍ଗଲରେ ରହିଥିବା ବେଳେ ବନ ବିଭାଗ ପକ୍ଷରୁ ୭ ଗୋଟି କ୍ୟାମେରା ସହାୟତାରେ ନଜର ରଖାଯାଇଛି। ବନପାଳ, ବନରକ୍ଷୀ ଓ ହାତୀ ସ୍କ୍ୱାଡ୍ ନଜର ରଖିଛନ୍ତି। ଦନ୍ତାର ସ୍ୱାସ୍ଥ୍ୟରେ ଉନ୍ନତି ପାଇଁ କଦଳୀ ମାଧ୍ୟମରେ ଔଷଧ ପ୍ରଦାନ କରାଯାଇଥିବା ଭାରପ୍ରାପ୍ତ ରେଞ୍ଜର ସଞ୍ଜୀବ ରାଉତ କହିଛନ୍ତି। ସୂଚନା ଅନୁସାରେ ଦନ୍ତାଟିର ପାଦରେ ଆଘାତ ଲାଗିବା ପରେ ଏହା ସଂକ୍ରମଣ ହୋଇଯାଇଥିଲା। ବନ ବିଭାଗ ଠାବ କରିବା ପରେ ପ୍ରାଣୀ ଚିକିତ୍ସକମାନେ ହାତୀଟିର ଗୋଡ଼ରେ ଅସ୍ତ୍ରୋପଚାର କରିଥିଲେ। ବର୍ତ୍ତମାନ ହାତୀଟିର ସ୍ୱାସ୍ଥ୍ୟାବସ୍ଥାରେ ସୁଧାର ଆସିଥିବା ବେଳେ ହାତୀଟି ନିକଟ ଜଙ୍ଗଲ ମଧ୍ୟରେ ଚଲାବୁଲା କରୁଥିବା ବନବିଭାଗ ସୂଚନା ଦେଇଛି।

**ବାଲେଶ୍ୱର ଫୁଟବଲ ଲିଗ୍**

# ମଧୁସୂଦନ କ୍ଲବ, ନରହରିପୁର କ୍ଲବ ବିଜୟୀ

**ବାଲେଶ୍ୱର ଅଫିସ, ୨୯।୧୦**


ଫୁଟବଲ ମ୍ୟାଚ୍।

ବାଲେଶ୍ୱର ଜିଲା କ୍ରୀଡ଼ା ସଂଘ ଆନୁକୂଲ୍ୟରେ ସ୍ଥାନୀୟ ପରମିଟ ପଡ଼ିଆରେ ଚାଲୁଥିବା ବାଲେଶ୍ୱର ସିନିୟର ଫୁଟବଲ ଲିଗ ଟୁର୍ନାମେଣ୍ଟର ପ୍ରଥମ ମ୍ୟାଚ ବାମପଦାର ମଧୁସୂଦନ କ୍ଲବ ସହିତ ଶୋଭରାମପୁରର କିଶୋର କ୍ଲବ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ମଧୁସୁଦନ କ୍ଲବର ଖେଳାଳୀ ଦିଲୀପ ୨ଟି ଓ ଚେମଟୁ ୧ଟି ଗୋଲ ବଳରେ ଦଳ ୩/୦ ଗୋଲରେ ବିଜୟୀ ହୋଇଥିଲେ।

ସେହିପରି ଅପରାହ୍ନ ମ୍ୟାଚ୍ ନରହରିପୁର ଫୁଟବଲ ଟିମ୍ ସହିତ ଚାନ୍ଦିପୁର ଫୁଟବଲ କ୍ଲବ ମଧ୍ୟରେ ହୋଇଥିଲା। ନରହରିପୁର କ୍ଲବର ପ୍ରଦୀପ ସୋରେନ ୩ଟି ଗୋଲ ଦେଇ ହ୍ୟାଟ୍ରିକ କରିଥିଲେ। ଅପରପକ୍ଷରେ ଚାନ୍ଦିପୁର କ୍ଲବର ରାଜେନ୍ଦ୍ର ମୁର୍ମୁ ଗୋଟିଏ ଗୋଲ ଦେଇଥିଲେ ହେଁ ନରହରିପୁର କ୍ଲବ ୩-୧ ଗୋଲରେ ବିଜୟୀ ହୋଇଥିଲା। ରେଫେରୀ ଅଶୋକ ମାନ୍ନା, ପ୍ରଦୀପ କୁମାର ଦାସ, ଚିରଞ୍ଜିତ ମାନ୍ନା, ସୁରଜିତ ମହାପାତ୍ର, ସରଫରାଜ ଫିରଦସ, ଚିତ୍ତରଞ୍ଜନ ପାଣ୍ଡା, କାର୍ତ୍ତିକ ଚନ୍ଦ୍ର ନାୟକ, ସୁଦାମ ବୁଗୁଡ଼ାଇ ଉଭୟ ଖେଳର ପରିଚାଳନା କରିଥିଲେ। ରବିବାର ପ୍ରଥମ ମ୍ୟାଚ ମିଶନ ଟାଇଗର କ୍ଲବ ଓ ଫୋର୍ସ ଫାଇଟର କ୍ଲବ ଏବଂ ଦ୍ୱିତୀୟ ମ୍ୟାଚ ସହଦେବଖୁଣ୍ଟା କ୍ଲବ ଓ ବସୁଖୁଣ୍ଟ ଫୁଟବଲ ଟିମ ମଧ୍ୟରେ ଅନୁଷ୍ଠିତ ହେବ ବୋଲି ଜିଲା କ୍ରୀଡ଼ା ସଂଘ ପକ୍ଷରୁ ସୂଚନା ମିଳିଛି।

# ଏନ୍‌ସିସିରେ ସାମିଲ ହେଲେ ୧୮ ଛାତ୍ରୀଛାତ୍ର

**ଧାମନଗର, ୨୯।୧୦(ଡି.ଏନ.ଏ.)**

ଧାମନଗର ମହାବିଦ୍ୟାଳୟରେ ପ୍ରଥମ କରି ଖୋଲିଥିବା ୭– ଓଡ଼ିଶା ବାଟାଲିୟନର ଆର୍ମି ୟୁନିଟରେ ଯୋଗଦେବା ପାଇଁ ଆବେଦନ କରିଥିବା ଛାତ୍ରୀଛାତ୍ରଙ୍କ ମଧ୍ୟରୁ ୧୮ଜଣ ଚୟନ ପ୍ରକ୍ରିୟାରେ କୃତକାର୍ଯ୍ୟ ହୋଇଛନ୍ତି। ସେମାନେ କ୍ୟାଡେଟ ହେବାର ସୌଭାଗ୍ୟ ଅର୍ଜନ କରିଥିବା ମହାବିଦ୍ୟାଳୟ ଅଧ୍ୟକ୍ଷ ପବିତ୍ର ପାଣିଗ୍ରାହୀ ପ୍ରକାଶ କରିଛନ୍ତି। କେୟାର ଟେକର ଅଫିସର ଆଶୀର୍ବାଦ ମହାନ୍ତି ଉପସ୍ଥିତ ଥିଲେ। ଭଦ୍ରକ ମହାବିଦ୍ୟାଳୟ ଏନ୍‌ସିସି କାର୍ଯ୍ୟାଳୟର ନାୟକ ସୁବେଦାର ଗୋପାଳ ଜୀ ସିଂଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନ ଓ ଅଧ୍ୟାପିକା ବାସ୍ତବିକା ଦାସଙ୍କ ସହଯୋଗରେ କ୍ୟାଡେଟ ଚୟନ ପ୍ରକ୍ରିୟା ସମାପନ ହୋଇଥିଲା। ଅଧ୍ୟାପକ ଡ. ମନୋଜ କର, ଡ. ପ୍ରଶାନ୍ତ ପରିଡ଼ା, ଡ. ଦେବାଶିଷ ମଲ୍ଲିକ ପ୍ରମୁଖ ଯୋଗ ଦେଇଥିଲେ।

# ମୟୂରଭଞ୍ଜ ପୋଲିସରେ ଅଦଳବଦଳ

**ବାରିପଦା ଅଫିସ,୨୯।୧୦**

ମୟୂରଭଞ୍ଜ ଜିଲା ଆରକ୍ଷୀ ଅଧୀକ୍ଷକଙ୍କ କାର୍ଯ୍ୟାଳୟ ପକ୍ଷରୁ ଜିଲା ପୋଲିସରେ ଅଦଳବଦଳ କରାଯାଇଛି। ୫ଜଣ ଆଇଆଇସି, ଜଣେ ଓଆଇସି ଓ ୪ଜଣ ସବଇନ୍ସପେକ୍ଟରଙ୍କୁ ବିଭିନ୍ନ ଥାନାକୁ ବଦଳି କରାଯାଇଛି। ପ୍ରକାଶ ପାଇଥିବା ବିଜ୍ଞପ୍ତି ଅନୁଯାୟୀ, ବାରିପଦା ଟାଉନ ଥାନାର ଅତିରିକ୍ତ ଆଇଆଇସି ସସ୍ମିତା ମହାନ୍ତଙ୍କୁ ବେତନଟୀ ଥାନା, ଜିଲା ମୁଖ୍ୟାଳୟର ଇନ୍ସପେକ୍ଟର ସଞ୍ଜୟ କୁମାର ପରିଡାଙ୍କୁ ମହୁଲଡିହା ଥାନା ଆଇଆଇସି, ମହୁଲଡିହା ଥାନା ଆଇଆଇସି ରଞ୍ଜୁ ହାସିନୀ କୁଲୁଙ୍କୁ ଠାକୁରମୁଣ୍ଡା ଥାନା ଆଇଆଇସି, ବଡ଼ସାହି ଥାନା ଆଇଆଇସି ପ୍ରଭୁ କଲ୍ୟାଣ ଆଚାର୍ଯ୍ୟଙ୍କୁ ଶୁଳିଆପଦା ଥାନା ଆଇଆଇସି, ଶୁଳିଆପଦା ଥାନା ଆଇଆଇସି ପଦ୍ମାଳୟା ପ୍ରଧାନଙ୍କୁ ବଡ଼ସାହି ଥାନା ଆଇଆଇସି ଏବଂ ଠାକୁରମୁଣ୍ଡା ଥାନାର ଓଆଇସି କମଳାକାନ୍ତ ଦାସଙ୍କୁ ବାଙ୍ଗିରିପୋଷି ଥାନା ଓଆଇସି ଭାବେ ବଦଳି କରାଯାଇଛି। ଏଥିସହ ୪ଜଣ ସବଇନ୍ସପେକ୍ଟରଙ୍କ ମଧ୍ୟରୁ ବିଶୋଇ ଥାନା ଏସ୍‌ଆଇ କାମୋଦ ବାଗ ଶୁଳିଆପଦା, ଝାରପୋଖରିଆ ଥାନା ଏସ୍‌ଆଇ ଅଶୋକ କୁମାର ପାଢ଼ୀ ବାଙ୍ଗିରିପୋଷି, ଶୁଳିଆପଦା ଥାନା ଏସ୍‌ଆଇ ଶୁକଦେବ ନାଏକ ବାଦାମପାହାଡ ଏବଂ ବାଙ୍ଗିରିପୋଷି ଥାନା ଏସ୍‌ଆଇ ଘନଶ୍ୟାମ ମଲ୍ଲିକ ବିଶୋଇ ଥାନାରେ ଯୋଗଦେବେ। ସମସ୍ତେ ନୂତନ ସ୍ଥାନରେ ତୁରନ୍ତ ଯୋଗଦେବାକୁ ବିଜ୍ଞପ୍ତିରେ ଉଲ୍ଲେଖ ରହିଛି।

# ଦିବ୍ୟାଙ୍ଗଙ୍କ ସହ କଟିଲା ଜନ୍ମଦିନ

**ଖଇରା, ୨୯।୧୦(ଡି.ଏନ.ଏ.)**

ସିମୁଳିଆ ନିର୍ବାଚନମଣ୍ଡଳୀ ବିଧାୟକ ତଥା ପୂର୍ବତନ ମନ୍ତ୍ରୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀଙ୍କର ୫୪ତମ ଜନ୍ମଦିନ ଉପଲକ୍ଷେ ତାଙ୍କର ସମର୍ଥକମାନେ ଶନିବାର ନିଆରା ଢଙ୍ଗରେ ଜନ୍ମଦିନ ପାଳିଛନ୍ତି। ବିଧାୟକ ଧାମନଗର ଉପନିର୍ବାଚନ ପ୍ରଚାରରେ ବ୍ୟସ୍ତ ଥିବାରୁ ନିଜ ନିର୍ବାଚନମଣ୍ଡଳୀରେ ଅନୁପସ୍ଥିତ ରହିଛନ୍ତି। ହେଲେ ତାଙ୍କୁ ଭଲ ପାଉଥିବା ସମର୍ଥକ ଶୁଭେଚ୍ଛୁମାନେ ତାଙ୍କ ଜନ୍ମଦିନ ପାଳିବାକୁ ଭୁଲି ନ ଥିଲେ। ଗୋବିନ୍ଦପୁର ପଞ୍ଚାୟତ କଣ୍ଟାବଣିଆସ୍ଥିତ କେଶବ ପୁରୁଷୋତ୍ତମ ମାନସିକ ଅନଗ୍ରସର ବିଦ୍ୟାଳୟରେ ଖଇରା ବ୍ଲକର ଛାତ୍ରନେତା ଗୌତମ ରାଉତଙ୍କ ନେତୃତ୍ୱରେ ସେଠାରେ ରହୁଥିବା ଦିବ୍ୟାଙ୍ଗ ଅନ୍ତେବାସୀମାନଙ୍କ ସହିତ କେକ୍ କାଟି ବିଧାୟକଙ୍କ ୫୪ତମ ଜନ୍ମ ଦିନ ପାଳିବା ସହ ପିଲାମାନଙ୍କୁ ମିଠା ଦେଇ ଖୁସି ମନାଇଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଖଇରା ବିଜୁ ଯୁବ ଜନତା ଦଳ ସଭାପତି ରାଜେନ୍ଦ୍ର ନାୟକ, ଖଇରା ବିଜୁ ଯୁବ ଜନତା ଦଳ ଆଇଟି ସଂଯୋଜକ ସୁମିତ କୁମାର ଦାଶ, ଖଇରା ବିଜୁ ଛାତ୍ର ଜନତା ଦଳ ଆଇଟି ସଂଯୋଜକ ତୃପ୍ତିକାନ୍ତ ନାୟକ, ଯୁବନେତା ଅନନ୍ତ ବାରିକ ଓ ରବୀନ୍ଦ୍ର ଦାଶ ପ୍ରମୁଖ ଉପସ୍ଥିତ ଥିଲେ।


ଦିବ୍ୟାଙ୍ଗ ପିଲାଙ୍କ ସହ କେକ କାଟୁଛନ୍ତି ତାଙ୍କ ସମର୍ଥକ।

# ପୂର୍ବତନ ଏମ୍‌ପି, ବନପାଳଙ୍କ ଉଦ୍ୟମରେ ସ୍କୁଲ ଗଲେ ବିକାଶ

**ବିଶୋଇ,୨୯।୧୦(ଡି.ଏନ୍.ଏ)**


ପୂର୍ବତନ ଏମ୍‌ପି, ବନପାଳଙ୍କ ସହ ବିକାଶ ଓ ଅନ୍ୟମାନେ।

**ଆଦିବାସୀ ଶିଶୁର ସ୍ୱପ୍ନ ପୂରଣ ହେବ**

ଅଭାବ ଅନଟନରେ ବଢ଼ିଥିବା ମା'-ବାପା ଛେଉଣ୍ଡ ଆଦିବାସୀ ଶିଶୁ ବିକାଶର ସ୍ୱପ୍ନ ପୂରଣ ହେବ। ପୂର୍ବତନ ଏମ୍‌ପି ଓ ବନପାଳଙ୍କ ସହାୟତାରେ କିସ୍‌ରେ ବିକାଶଙ୍କ ନାମ ଲେଖାଯାଇଛି। ପିଲାଟିର ପାଠପଢ଼ା ପ୍ରତି ଆଗ୍ରହ ଦେଖି ସହଯୋଗର ହାତ ବଢ଼ାଇଥିବା ବନପାଳ, ଏମ୍‌ପି କହିଛନ୍ତି।

ସୂଚନାଥାଉ କି, ମୟୂରଭଞ୍ଜ ଜିଲା ବିଜାତଳା ବ୍ଲକ୍ ଅନ୍ତର୍ଗତ ସରଗଡ଼ା ପଞ୍ଚାୟତ ସାରଣ୍ଡା ଗ୍ରାମରେ ସମାୟ ମୁଣ୍ଡାଙ୍କ ପୁଅ ବିକାଶଙ୍କ ଜନ୍ମ। ଜନ୍ମର ୩ ମାସ ପରେ ମା'ଙ୍କ ମୃତ୍ୟୁ ଘଟିଥିଲା। ବାପା ସମାୟ ଓ ୭୫ ବର୍ଷୀୟ ଜେଜେବାପା ମଙ୍ଗଲ ମୁଣ୍ଡା ଲାଳନପାଳନ କରିବା ସହ ପ୍ରାରମ୍ଭିକ ଶିକ୍ଷା ପାଇଁ ଗାଁ ପ୍ରାଥମିକ ବିଦ୍ୟାଳୟରେ ନାମ ଲେଖାଇଥିଲେ। ଗତ ୭ ମାସ ପୂର୍ବରୁ ବିକାଶର ବାପାଙ୍କ ମଧ୍ୟ ମୃତ୍ୟୁ ଘଟିଲା। ପରେ ପରିଣତ ବୟସରେ ଖଟି ବିକାଶକୁ ପଢ଼ାଇବା ମଙ୍ଗଲଙ୍କ କ୍ଷେତ୍ରରେ ସମ୍ଭବ ହୋଇପାରି ନ ଥିଲା। ପାଠ ପଢ଼ିବାର ସ୍ୱପ୍ନ ନେଇ ବିକାଶ ନିକଟସ୍ଥ ସରଗଡ଼ା ବନପାଳ ଜୀବନ ବଲ୍ଲଭ ପାତ୍ରଙ୍କୁ ଭେଟିଥିଲେ। ଶିଶୁର ପଢ଼ା ପ୍ରତି ଆଗ୍ରହ ଦେଖି ବନପାଳ ବିକାଶର ପାଠପଢ଼ା ଖର୍ଚ୍ଚ ସହିତ ଅନ୍ୟାନ୍ୟ ଖର୍ଚ୍ଚ ବହନ କରି ଆସୁଥିଲେ। ଘଟଣା ମୟୂରଭଞ୍ଜ ପ୍ରାକ୍ତନ ଏମ୍‌ପି ଇଂ ରାମଚନ୍ଦ୍ର ହାଁସଦାଙ୍କ ଦୃଷ୍ଟିଗୋଚର ପରେ ଭୁବନେଶ୍ୱରସ୍ଥିତ କିସ୍ କାର୍ଯ୍ୟାଳୟ ସହିତ ଯୋଗାଯୋଗ କରିଥିଲେ। ପ୍ରାକ୍ତନ ଏମ୍‌ପି, ବନପାଳ ପାତ୍ର, ସାମ୍ବାଦିକ ଅମିତ ଦାସଙ୍କ ସହଯୋଗରେ ବିକାଶକୁ କିସ୍ ଅନୁଷ୍ଠାନରେ ଭର୍ତ୍ତି କରାଇବା ସହିତ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇ କିସ୍ ହଷ୍ଟେଲରେ ରଖାଯାଇଥିଲା।

### ୩୧ରୁ ଟ୍ରକ୍ ମାଲିକ ସଂଘର ଅନଶନ

କେନ୍ଦୁଝର,(ସ୍ୱ.ପ୍ର.): କେନ୍ଦୁଝର ଜିଲା ଟ୍ରକ୍ ମାଲିକ ସଙ୍ଘ ନିର୍ବାଚନରେ ବିଳମ୍ବ ନେଇ ଟ୍ରକ୍ ମାଲିକଙ୍କ ଅସନ୍ତୋଷ ବଢ଼ୁଛି। ନିର୍ବାଚନ ନେଇ ପଦକ୍ଷେପ ନେଇ ନ ଥିବା କିମ୍ବା ଉପଦେଷ୍ଟା ମଣ୍ଡଳୀଙ୍କୁ ଦାୟିତ୍ୱ ହସ୍ତାନ୍ତର କରୁ ନ ଥିବା ପ୍ରତିବାଦରେ ଆସନ୍ତା ୩୧ ରୁ ଜିଲାପାଳଙ୍କ ଅଫିସ ସମ୍ମୁଖରେ ଅନଶନ କରିବାକୁ ନିଷ୍ପତ୍ତି ନେଇଥିବା ଟ୍ରକ ମାଲିକ ଆୟାସକାନ୍ତ ପଟ୍ଟନାୟକ କହିଛନ୍ତି।

## ସଂକ୍ଷେପରେ

### ନାବାଳିକାଙ୍କୁ ବଳାତ୍କାର ମାମଲା ଅଭିଯୁକ୍ତଙ୍କୁ ୨୦ ବର୍ଷ ଜେଲଦଣ୍ଡ

କେନ୍ଦୁଝର,୨୯।୧୦(ସ୍ୱ.ପ୍ର.): କେନ୍ଦୁଝର ଜିଲା ଅତିରିକ୍ତ ଜିଲା ଓ ଦୌରା ଜଜ୍ ତଥା ଫାଷ୍ଟଟ୍ରାକ କୋର୍ଟ ବିଚାରପତି ମାନସ ମିଶ୍ର ଶନିବାର ଜଣେ ନାବାଳିକାଙ୍କୁ ବଳାତ୍କାର ମାମଲାର ବିଚାର କରି ଅଭିଯୁକ୍ତଙ୍କୁ ୨୦ବର୍ଷ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହ ୨୦ ହଜାର ଟଙ୍କା ଜରିମାନା କରିଥିଲେ। ଜରିମାନା ଅନାଦେୟ ଅଧିକ ୧ବର୍ଷ ଜେଲଦଣ୍ଡ ଶୁଣାଇଛନ୍ତି। ପୀଡ଼ିତା ନାବାଳିକାଙ୍କୁ ଆଇନ ସହାୟତା କେନ୍ଦ୍ରରୁ ୪ଲକ୍ଷ ଟଙ୍କାର କ୍ଷତିପୂରଣ ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି।

ସୂଚନା ଅନୁଯାୟୀ, ୨୦୧୯ ଅଗଷ୍ଟ ୧୩ରେ କେନ୍ଦୁଝର ସଦର ଥାନା ଅଞ୍ଚଳର ୯ ବର୍ଷର ନାବାଳିକା ଗାଁ ଦାଣ୍ଡରେ ଖେଳୁଥିଲେ। ଗ୍ରାମର ଚୈତନ୍ୟ ମହାନ୍ତ(୫୭) ସେହି ରାସ୍ତା ଦେଇ ଛେଳି ନେଇ ଯାଉଥିଲେ। ଛେଳି ଧରିବା ପାଇଁ କହି ନାବାଳିକାଙ୍କୁ ଡାକି ବଳାତ୍କାର କରିଥିଲେ। ଏ ସମ୍ପର୍କରେ କାହାରିକୁ କିଛି ନ କହିବା ପାଇଁ ଧମକ ଦେଇ ଚାଲି ଯାଇଥିଲେ। ନାବାଳିକା ଘରେ ପହଞ୍ଚିବା ପରେ ତାଙ୍କ ମା' କ'ଣ ହୋଇଛି ବୋଲି ପଚାରିଥିଲେ। ସେ ଘଟଣା ସମ୍ପର୍କରେ ସବୁ କହିବା ପରେ ମା' ସଦର ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ସଦର ପୋଲିସ (ନଂ ୨୦୫/୧୯) ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା। ମାମଲାକୁ ସରକାରଙ୍କ ପକ୍ଷରୁ ସ୍ପେଶାଲ ପିପି ଜ୍ଞାନେନ୍ଦ୍ରନାଥ ଜେନା ଓ ଏପିପି ପ୍ରଫୁଲ୍ଲ ପାତ୍ର ପରିଚାଳନା କରୁଥିଲେ।

### ସାମାନ୍ୟ ବଚସାରୁ ହତ୍ୟାକାଣ୍ଡ

ବୈଶିଙ୍ଗା, ୨୯।୧୦(ଡି.ଏନ.ଏ.)- ମୟୂରଭଞ୍ଜ ଜିଲ ବୈଶିଙ୍ଗା ଥାନା ଅଧୀନ କଳମା ପଞ୍ଚାୟତ କାନ୍ଥି ଗ୍ରାମରେ ଫୁଟବଲ ମ୍ୟାଚ ଚାଲିଥିବା ବେଳେ ସାମାନ୍ୟ ବଚସାକୁ ନେଇ ଜଣଙ୍କର ପ୍ରାଣ ଯାଇଛି। ଗତ ୨୫ ତାରିଖରେ ନିକଟସ୍ଥ ଖେଳ ପଡ଼ିଆରେ ଫୁଟବଲ ମ୍ୟାଚ ଚାଲିଥିଲା। ମ୍ୟାଚ ଦେଖିବା ପାଇଁ ବହୁ ଲୋକଙ୍କ ଭିଡ ହୋଇଥିଲା। କୌଣସି କାରଣରୁ ଦର୍ଶକମାନଙ୍କ ଭିତରେ ଥିବା ଏହି ଗ୍ରାମର ଶୁକୁରା ବିନ୍ଧାଣିଙ୍କ ପୁଅ ପପୁ ବିନ୍ଧାଣି ଓ ସୁଦର୍ଶନ ସିଂଙ୍କ ପୁଅ ଭଟ ସିଂଙ୍କ ମଧରେ ଯୁକ୍ତିତର୍କ ହୋଇଥିଲା। ଏହା ଥମିବା ପରିବର୍ତ୍ତେ ଚରମ ସୀମାରେ ପହଞ୍ଚିଥିଲା। ପପୁ ଓ ସେଠାରେ ଉପସ୍ଥିତ ଥିବା ତାଙ୍କ ମା' ସୁରୁ ମିଶି ଭଟ ସିଂଙ୍କୁ ଘୋଷାରି ଘୋଷାରି ନିଜ ଘରକୁ ଟାଣି ନେଇଥିଲେ। ସେଠାରେ ଉଭୟ ମିଶି ଏକ ଠେଙ୍ଗାରେ ଭଟଙ୍କୁ ଭୀଷଣ ମାଡ଼ ମାରିଥିଲେ। ଭଟଙ୍କ ମୁଣ୍ଡରେ ଶକ୍ତ ଆଘାତ ଲାଗିଥିଲା। ସେ ବେହୋସ ହୋଇପଡିଥିଲେ। ମା' ଓ ପୁଅ ଦୁଇଜଣ ମିଶି ତାଙ୍କୁ ବାଲେଶ୍ୱର ଜିଲା ମୁଖ୍ୟ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ତେବେ ଡାକ୍ତର ଭଟ ସିଂଙ୍କୁ ଶନିବାର ମୃତ ଘୋଷଣା କରିଥିଲେ। ତାଙ୍କ ମୃତଦେହ ଆଣି ମା' ପୁଅ ମୃତକଙ୍କ ପରିବାରକୁ ହସ୍ତାନ୍ତର କରିଥିଲେ। ମୃତକଙ୍କ ପରିବାର ବୈଶିଙ୍ଗା ଥାନାରେ ଅଭିଯୋଗ କରିଥିଲେ। ଏହାକୁ ନେଇ ପୋଲିସ ପକ୍ଷରୁ ଏକ ମାମଲା(ନଂ. ୩୩୮/୨୯) ରୁଜୁ କରାଯାଇ ତଦନ୍ତ ଚାଲିଛି। ପପୁ ଫେରାର ଥିବା ବେଳେ ତାଙ୍କ ମା' ସୁରୁଙ୍କୁ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି।

# ଶୁଆକାଟିରେ ଟିମ୍‌କୁ ଘେରିଲେ ଆଦିବାସୀ

କେନ୍ଦୁଝର,୨୯।୧୦(ସ୍ୱ.ପ୍ର/ଡି.ଏନ୍.ଏ)


ଜାତୀୟ ଜନଜାତି କମିଶନର ଫ୍ୟାକ୍ଟ ଫାଇଣ୍ଡିଂ ଟିମ୍‌କୁ ଲୋକେ ଘେରିଛନ୍ତି।

**କେନ୍ଦୁଝରରେ ଜାତୀୟ ଜନଜାତି କମିଶନର ଫ୍ୟାକ୍ଟ ଫାଇଣ୍ଡିଂ ଟିମ୍**

ଜାତୀୟ ଜନଜାତି କମିଶନର ଚାରି ଜଣିଆ ଫ୍ୟାକ୍ଟ ଫାଇଣ୍ଡିଂ ଟିମ୍ ତିନିଦିନିଆ କେନ୍ଦୁଝର ଗସ୍ତରେ ଆସିଛନ୍ତି। ଗସ୍ତ ଅବସରରେ ଟିମ୍ ଗନ୍ଧମାର୍ଦ୍ଦନ ଖଣି ଅଞ୍ଚଳର ପ୍ରଭାବିତ ଗ୍ରାମକୁ ବୁଲି ଜନଜାତିମାନଙ୍କର ବିଭିନ୍ନ ସମସ୍ୟାକୁ ନେଇ ସରଜମିନ ତଦନ୍ତ କରିବାକୁ ଯାଇଥିଲେ। ମାତ୍ର ଟିମ୍‌ର ବିଶ୍ୱସନୀୟତାକୁ ନେଇ ଜିଲାର କେତେକ ଆଦିବାସୀ ସଂଗଠନର ପ୍ରତିନିଧିମାନେ ପ୍ରଶ୍ନ ଉଠାଇଥିଲେ। ଟିମକୁ ଶୁଆକାଟିରେ ଆଦିବାସୀ ଘେରିଥିଲେ। ଏବାବଦରେ ଜନଜାତି କମିଶନର ଅଧ୍ୟକ୍ଷଙ୍କୁ ଏକ ସ୍ମାରକପତ୍ର ମଧ୍ୟ ପ୍ରଦାନ କରିଛନ୍ତି।

ଅନୁସନ୍ଧାନକାରୀ ଦଳରେ ଜନଜାତି କମିଶନର ସହକାରୀ ନିର୍ଦ୍ଦେଶକ କେ ଟୌଥାଙ୍ଗ, ଅବସରପ୍ରାପ୍ତ ଆଇଏଏସ ଅଫିସର ସୁଦର୍ଶନ ନାୟକ, ସେଲ(ପିଏଣ୍ଡ ଜି)ର ପୂର୍ବତନ ଜେନେରାଲ ମ୍ୟାନେଜର ଭୁବନାନନ୍ଦ ତ୍ରିପାଠୀ, ଜାତୀୟ ଜନଜାତି କମିଶନର ବରିଷ୍ଠ ଆଇନ ପରାମର୍ଶଦାତା ରାଧାକାନ୍ତ ତ୍ରିପାଠୀ ପ୍ରମୁଖ ଶନିବାର ଶୁଆକାଟି ଗନ୍ଧମାର୍ଦ୍ଦନ ଲୌହ ଖଣିର ଚତୁଃପାର୍ଶ୍ୱରେ ବସବାସ କରୁଥିବା ଜନଜାତିଙ୍କର ବିଭିନ୍ନ ସମସ୍ୟା ସମ୍ପର୍କରେ ଅନୁଧ୍ୟାନ କରିଥିଲେ। ଟିମ୍ ପ୍ରଥମେ ସଦର ବ୍ଲକ୍‌ର ମହାଦେଇଯୋଡ଼ା ପଞ୍ଚାୟତର ସଲରାପେଣ୍ଟ, ଲାଉପଦା, ବାଂଶପାଳ ବ୍ଲକ୍‌ର ଉରୁମୁଣ୍ଡା, ତଳଯାଗରଠାରେ ବିଭିନ୍ନ ବ୍ୟକ୍ତିଙ୍କର ମତାମତ ନେଇଥିଲେ। ତେବେ ଉପରଯାଗରଠାରେ ଶହ ଶହ ଲୋକ କମିଶନର ଏହି ଟିମ୍‌କୁ ଭେଟିବାକୁ ଅପେକ୍ଷା କରିଥିଲେ ମଧ୍ୟ ସେମାନେ ରହି ନ ଥିବା ଅଭିଯୋଗକରି ସ୍ଥାନୀୟ ଲୋକେ ଶୁଆକାଟିଠାରେ ଟିମ୍‌ର ଗାଡ଼ିକୁ ଅଟକାଇଥିଲେ। ଅନ୍ୟପକ୍ଷରେ ଶୁଆକାଟି ଓଏମ୍‌ସି ଗେଷ୍ଟ ହାଉସରେ ଟିମ୍ ଥିବାବେଳେ ଉପର କଇଁସାରୀ, ଶୁଆକାଟି ଏବଂ କୁମୁଣ୍ଡି ପ୍ରଭୃତି ପଞ୍ଚାୟତର ଖଣି ପ୍ରଭାବିତ ପଞ୍ଚାୟତର ଜନଜାତି ଲୋକେ ସେଠାରେ ପହଞ୍ଚି ଟିମ୍ କ'ଣ ନିର୍ଦ୍ଦିଷ୍ଟ କେତେକଙ୍କ କଥା ଶୁଣିବାକୁ ଆସିଛି ବୋଲି ପ୍ରଶ୍ନ କରିଥିଲେ। ଯାହା କହିବାକୁ ଚାହୁଁଛନ୍ତି ଲେଖି ଦେବାକୁ ଅନୁସନ୍ଧାନକାରୀ ଦଳ ପ୍ରକାଶ କରିଥିଲା।

ଅନ୍ୟପକ୍ଷେ ଭାଜପାର ଜଣେ ପଦାଧିକାରୀ ଫ୍ୟାକ୍ଟ ଫାଇଣ୍ଡିଂ ଟିମ୍‌କୁ ବାଟ କଢ଼ାଇ ନେଉଥିଲେ। ଟିମ୍‌ର ତଥ୍ୟ ସଂଗ୍ରହବେଳେ ଜନୈକ ଭାଜପା ନେତା ଟିମ୍ ସହିତଏକାଠିବସିଥିଲେବୋଲିସାଧାରଣରେ ଅଭିଯୋଗ ହୋଇଛି। ଏହି ପରିସ୍ଥିତିରେ ତଦନ୍ତ କିପରି ନିରପେକ୍ଷ ହୋଇପାରିବ ବୋଲି ସ୍ଥାନୀୟ ଲେକେ ପ୍ରଶ୍ନ କରିଛନ୍ତି।

# ଅସମ୍ପୂର୍ଣ୍ଣ ଓଭରବ୍ରିଜ୍‌ରୁ ଖସିପଡ଼ିଲା ଟ୍ରକ୍, ଚାଳକ ମୃତ

**ନାକାଗେଟ୍ ସତ୍ତ୍ୱେ ଅଟକାଇଲାନି ପୋଲିସ**

ସାରସକଣା, ୨୯।୧୦(ଡି.ଏନ୍.ଏ.)


ଦୁର୍ଘଟଣାସ୍ଥଳରେ ଲୋକଙ୍କ ଭିଡ଼।

ମୟୂରଭଞ୍ଜ ଜିଲା ଝାରପୋଖରିଆ ଥାନା ଅଧୀନ ୪୯ ନଂ. ଜାତୀୟ ରାଜପଥର ବମ୍ବେଛକଠାରେ ଶନିବାର ସନ୍ଧ୍ୟାରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ଏଠାରେ ଥିବା ଅସମ୍ପୂର୍ଣ୍ଣ ଓଭରବ୍ରିଜରୁ ଏକ ଟ୍ରକ୍ ଖସିପଡ଼ିବାରୁ ଚାଳକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଝାଡ଼ଖଣ୍ଡ ରାଜ୍ୟ ହଜାରିବାଗ୍ ଜିଲାର ବିନୟ ସିଂହ।

ସୂଚନା ଅନୁଯାୟୀ, କୋଲକାତା ପଟୁ ଆସୁଥିବା ଉକ୍ତ ଟ୍ରକ୍ (ଓଡି-୦୯-କେ-୨୩୬୦) ରାସ୍ତା ଜାଣି ନ ପାରି ଅଧାପନ୍ତରିଆ ହୋଇରହିଥିବା ଏହି ଓଭରବ୍ରିଜ୍‌କୁ ଚଢ଼ିଯାଇ ପ୍ରାୟ ୩୦ ଫୁଟ୍ ତଳକୁ ଖସିପଡ଼ିଥିଲା। ଏହା ଦେଖି ସ୍ଥାନୀୟ ଲୋକେ ପୋଲିସକୁ ଖବର ଦେଇଥିଲେ। ଝାରପୋଖରିଆ ଥାନାଧିକାରୀ ଫନୀନ୍ଦ୍ର ଭୂଷଣ ନାଏକ କର୍ମଚାରୀମାନଙ୍କ ସହ ଘଟଣାସ୍ଥଳରେ ପହଞ୍ଚି ଟ୍ରକ୍ ଚାଳକଙ୍କୁ ଉଦ୍ଧାରକରି ନିଜ ବାଇକ୍‌ରେ ବସାଇ ଶୀର୍ଷା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ତେବେ ଏହି ଅସମ୍ପୂର୍ଣ୍ଣ ଓଭରବ୍ରିଜ୍ ଉପରକୁ ଯାଉଥିବା ରାସ୍ତାରେ ପୋଲିସର ଏକ ନାକାଗେଟ୍ ଲଗାଯାଇଥିବା ବେଳେ ପୋଲିସ କର୍ମଚାରୀ ମଧ୍ୟ ଉପସ୍ଥିତ ଥିଲେ। ଏହା ସତ୍ତ୍ୱେ ସେମାନେ କିପରି ଟ୍ରକ୍ ଚାଳକଙ୍କୁ ଅଟକାଇଲେ ନାହିଁ ବୋଲି ପ୍ରଶ୍ନ ଉଠୁଛି। ଦୁର୍ଘଟଣାକୁ ନେଇ ରାତି ପ୍ରାୟ ସାଢ଼େ ୮ଟା ପରେ ଘଟଣାସ୍ଥଳରେ ଉତ୍ତେଜନା ଦେଖାଦେଇଛି। କୁଡୁମୀ ସେନା ସହ ସ୍ଥାନୀୟ ଲୋକେ ଓଭରବ୍ରିଜ୍‌ତଳେ ହୋହଲ୍ଲା କରିବା ସହ ଅର୍ଦ୍ଧନିର୍ମିତ ଓଭରବ୍ରିଜ୍ ତୁରନ୍ତ ସମ୍ପୂର୍ଣ୍ଣ କରାଯିବା ପାଇଁ ଦାବି କରିଛନ୍ତି।

ସୂଚନା ଥାଉକି, ପ୍ରାୟ ବର୍ଷେରୁ ଊର୍ଦ୍ଧ୍ୱ ହେବ ଏହି ଓଭରବ୍ରିଜ୍ କାମ ଅଧାପନ୍ତରିଆ ହୋଇ ରହିଛି। ସ୍ଥାନୀୟ ଲୋକେ ବାରମ୍ବାର ଓଭରବ୍ରିଜ୍ କାମ ସମ୍ପୂର୍ଣ୍ଣ କରାଯିବା ପାଇଁ ପ୍ରଶାସନ ନିକଟରେ ଦାବି କରିଆସୁଥିଲେ ମଧ୍ୟ କୌଣସି ପଦକ୍ଷେପ ନିଆଯାଇ ନାହିଁ।

## ନୋଡାଲ ଅଫିସରଙ୍କ ସନ୍ଦେହଜନକ ମୃତ୍ୟୁ

ବସ୍ତା, ୨୯।୧୦(ଡି.ଏନ.ଏ.)

ବାଲେଶ୍ୱର ଜିଲା ବସ୍ତା ଥାନା ଅଧୀନ ଗାନ୍ଧୀ ଛକରେ ଭଡା ନେଇ ରହୁଥିବା ସୁବର୍ଣ୍ଣରେଖା ବନ୍ଦର ଜମି ଅଧିଗ୍ରହଣ କାର୍ଯ୍ୟର ନୋଡାଲ ଅଫିସର ଭାବେ କାର୍ଯ୍ୟରତ ଜଣେ କର୍ମଚାରୀଙ୍କ ସନ୍ଦେହଜନକ ମୃତ୍ୟୁ ହୋଇଛି। ସେ ହେଲେ ଯାଜପୁର ଜିଲା ଦାନଗଦି ଅଞ୍ଚଳର ରଞ୍ଜିତ ପଡିହାରୀ। ଶୁକ୍ରବାର ରାତିରେ ସେ ଡ୍ୟୁଟି ସାରି ଖାଇ ପିଇ ତାଙ୍କ ରୁମ୍‌ରେ ଶୋଇଥିଲେ। ଶନିବାର ସକାଳେ ତାଙ୍କର ମିଟିଂ ଥିବାରୁ ଆସିବାକୁ ବିଳମ୍ବ ହେଉଥିବାରୁ ତାଙ୍କୁ ଅନ୍ୟ କର୍ମଚାରୀ ଫୋନ କରିଥିଲେ। ବାରମ୍ବାର ଫୋନ କରାଯାଇଥିଲେ ମଧ୍ୟ ସେ ଫୋନ୍ ଉଠାଇ ନ ଥିଲେ। ଫଳରେ ଅନ୍ୟ କର୍ମଚାରୀମାନେ ତାଙ୍କ ଭଡା ଘରେ ପହଞ୍ଚି ଦେଖିଲା ବେଳକୁ ଭିତରୁ କବାଟ ବନ୍ଦ ଥିଲା ଓ ଡାକିବାରୁ ସେ ଶୁଣି ନ ଥିଲେ। ଫଳରେ ସନ୍ଦେହ ହେବାରୁ ସାଥୀ କର୍ମଚାରୀ ପୋଲିସକୁ ଖବର ଦେଇଥିଲେ। ପୋଲିସ ଉପସ୍ଥିତରେ କବାଟ ଭାଙ୍ଗି ତାଙ୍କୁ ଚେତାଶୂନ୍ୟ ଅବସ୍ଥାରେ ଉଦ୍ଧାର କରାଯିବା ସହ ଆମ୍ବୁଲାନ୍ସରେ ବସ୍ତା ଡାକ୍ତରଖାନାକୁ ଅଣାଯାଇଥିଲା। ମାତ୍ର ସେଠାରେ ଡ଼ାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

# ଉନ୍ନୟନ କାର୍ଯ୍ୟରେ ତ୍ରୁଟି ନେଇ ଜିଲାପାଳଙ୍କ କୈଫିୟତ ତଲବ

ଠାକୁରମୁଣ୍ଡା, ୨୯।୧୦(ଡି.ଏନ.ଏ.)

**ବ୍ଲକସ୍ତରୀୟ ଜନଶୁଣାଣି**

ମୟୂରଭଞ୍ଜ ଜିଲା ଠାକୁରମୁଣ୍ଡା ବ୍ଲକ ସଭାଗୃହରେ ମହାତ୍ମାଗାନ୍ଧୀ ଜାତୀୟ କର୍ମନିଯୁକ୍ତି ଯୋଜନା ଓ ପଞ୍ଚଦଶ ଅର୍ଥ କମିଶନ ଯୋଜନାର ବ୍ଲକସ୍ତରୀୟ ଜନଶୁଣାଣି ଶନିବାର ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ଭିନିତ ଭରଦ୍ୱାଜଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଜନଶୁଣାଣିରେ କରଞ୍ଜିଆ ଉପଜିଲାପାଳ ପ୍ରେମାଂଶୁ ଚାନ୍ଦ, ଓଏସ୍ଏସଏଟି ନିର୍ଦ୍ଦେଶକ ନିହାର ରଞ୍ଜନ ସ୍ୱାଇଁ, ସାମାଜିକ ସମୀକ୍ଷା ଏକ୍ସପୋର୍ଟ ଜ୍ୟୋତିରଞ୍ଜନ ଶତପଥୀ, କରଞ୍ଜିଆ ଆଇଟିଡିଏ ପିଏ ଦେବୀଦତ୍ତ ମହାନ୍ତ, ବିଡ଼ିଓ ଶ୍ୟାମସୁନ୍ଦର ଟୁଡୁ, ଡିଏସ୍ଏ ପ୍ରତାପ ଚକ୍ରବର୍ତ୍ତୀ, ବ୍ଲକ ଅଧ୍ୟକ୍ଷା ସରୋଜିନୀ ମୁଣ୍ଡା, ବ୍ଲକ ଉପାଧ୍ୟକ୍ଷ ସନ୍ତୋଷ କୁମାର ମହାନ୍ତ, ଜିଲା ପରିଷଦ ସଭ୍ୟ ପ୍ରହଲ୍ଲାଦ ମଢେଇ ଓ ପୂର୍ଣ୍ଣିମା ବାଗସିଂ ଯୋଗ ଦେଇଥିଲେ। ବ୍ଲକ ଏପିଓ ଧାନଚାନ୍ଦ ମହାନ୍ତ ପରିଚାଳନା କରିଥିଲେ। କୋଭିଡ ଯୋଗୁ ବନ୍ଦ ରହିଥିବା ସମୀକ୍ଷା ବୈଠକ ଚଳିତବର୍ଷ ଅନୁଷ୍ଠିତ ହୋଇଥିଲା। ମହାତ୍ମାଗାନ୍ଧୀ କର୍ମନିଯୁକ୍ତି ଯୋଜନାରେ ୨୦୨୦-୨୧ ଆର୍ଥିକ ବର୍ଷରେ ୯,୮୯୦୫୦ ଦିନ ଶ୍ରମଦିବସ ୨୦୨୧-୨୨ ଆର୍ଥିକ ବର୍ଷରେ ୮,୦୧୫୭୧ଦିନ ଶ୍ରମ ଦିବସ, ୨୦୨୨-୨୩ ଆର୍ଥିକ ବର୍ଷରେ ବର୍ତ୍ତମାନ ସୁଦ୍ଧା ୪,୧୩୭୮୨ ଦିନ ଶ୍ରମ ଦିବସ ସୃଷ୍ଟି ହୋଇଛି। ବ୍ଲକ ଅଧୀନ ୧୮ଟି ପଞ୍ଚାୟତରେ ପୂର୍ବରୁ ହୋଇଥିବା ସାମାଜିକ ସମୀକ୍ଷା ରିପୋର୍ଟ ବୈଠକରେ ଉପସ୍ଥାପନ କରାଯାଇଥିଲା। ରିପୋର୍ଟଗୁଡିକରେ ବିଭିନ୍ନ ପଞ୍ଚାୟତ ସ୍ତରରେ ହୋଇଥିବା ସାମାଜିକ ସମୀକ୍ଷାରେ ବନବିଭାଗ, ହର୍ଟିକଲଚର, ଆଇଟିଡିଏ ବିଭଗ ଓ ଗ୍ରାମପଞ୍ଚାୟତ ଦ୍ୱାରା କରାଯାଇଥିବା ଉନ୍ନୟନ କାର୍ଯ୍ୟର ନଥିଗୁଡିକ ଉପସ୍ଥାପନ କରି ନ ଥିବା, ନାମଫଳକ ନ ରହିବା ରିପୋର୍ଟକୁ ଆଲୋଚନା କରାଯାଇଥିଲା। ଏନେଇ ତ୍ରୁଟି କରିଥିବା ସମ୍ପୃକ୍ତ ଜେଇ, ପିଇଓ, ଜିଆରଏସ୍‌ମାନଙ୍କୁ କୈଫତ ତଲବ କରିବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। ବୈଠକରେ ବନବିଭାଗ କର୍ମଚାରୀ ଅନୁପସ୍ଥିତ ଥିବାରୁ ସମ୍ପୃକ୍ତ ବିଭାଗକୁ ଜିଲାପାଳ କାରଣ ଦର୍ଶାଅ ନୋଟିସ୍ କରିବାକୁ ନିର୍ଦ୍ଦେଶ ଦେଇଥିଲେ।

## ସେଲ୍‌ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com


@ ଶିରିଶ୍


@ ସୂର୍ଯ୍ୟନାରାୟଣ


@ଯଶୋବନ୍ତ


@ ଶୁଭମ୍

ଆପଣମାନେ ପରିବାର ସଦସ୍ୟ, ସାଙ୍ଗ କିମ୍ବା ସମ୍ପର୍କୀୟଙ୍କ ଗହଣରେ ଉଠାଉଥିବା ସେଲ୍‌ଫିକୁ ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟ ବିବେଚିତ ଫଟୋ ପ୍ରକାଶ ପାଇବ।

## ପୋଲିଂ କେନ୍ଦ୍ରରେ ମୋବାଇଲ ବାରଣ ଦାବି

ବାଲେଶ୍ୱର ଅଫିସ, ୨୯।୧୦

**କୋ-ଅପରେଟିଭ ନିର୍ବାଚନ ଆଜି**

ବାଲେଶ୍ୱର-ଭଦ୍ରକ କେନ୍ଦ୍ରୀୟ କୋ-ଅପରେଟିଭ ବ୍ୟାଙ୍କ ନିର୍ଦ୍ଦେଶକ ନିର୍ବାଚନ ରବିବାର ସହରସ୍ଥିତ ମିଶନ ପଡ଼ିଆରେ ଅନୁଷ୍ଠିତ ହେବ। ଏହି ନିର୍ବାଚନ ବେଳେ ପୋଲିଂ କେନ୍ଦ୍ରକୁ ମୋବାଇଲ ବାରଣ କରିବାକୁ ଦାବି ହୋଇଛି। ଏନେଇ ଏହି ନିର୍ବାଚନ ଲଢୁଥିବା ୭ନମ୍ବର ଜୋନ୍ ସଭ୍ୟ ଆଶିଷ ପାତ୍ର ଅତିରିକ୍ତ ଜିଲାପାଳ ନୀଲୁ ମହାପାତ୍ରଙ୍କ ଜରିଆରେ ନିର୍ବାଚନ କମିଶନରଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି।

ନିର୍ବାଚନ ଲଢୁଥିବା କିଛି ସଭ୍ୟ ଭୋଟରଙ୍କୁ ବିଭିନ୍ନ ମାଧ୍ୟମରେ ପ୍ରଲୋଭିତ କରୁଛନ୍ତି। ଏମିତିକି ଫୋନ୍‌ରେ ଧମକ ମଧ୍ୟ ଦେଉଛନ୍ତି। କେବଳ ଏତିକି ନୁହେଁ, ନିର୍ବାଚନ ବେଳେ କାହାକୁ ଭୋଟ ଦେଉଛନ୍ତି ତାହାର ଫଟୋ ଉଠାଇବା ସହ ଭିଡ଼ିଓ ଶୁଟିଂ କରିବାକୁ ମଧ୍ୟ କହୁଛନ୍ତି। ଯାହାକି ନିର୍ବାଚନ ଆଚରଣ ନିୟମକୁ ଉଲ୍ଲଂଘନ କରୁଛି ବୋଲି ଅଭିଯୋଗ ପତ୍ରରେ ଉଲ୍ଲେଖ କରିଛନ୍ତି।

## କାଳୀପୂଜା ମେଳାରେ ଖାଦ୍ୟ ନିରାପତ୍ତା ବିଭାଗର ଚଢ଼ାଉ


ଖାଦ୍ୟ ନିରାପତ୍ତା ବିଭାଗ ଅଧିକାରୀ ଏକ ଦୋକାନରେ ଯାଞ୍ଚ କରୁଛନ୍ତି।

ଭଦ୍ରକ ଅଫିସ, ୨୯।୧୦

ଭଦ୍ରକର ଚରମ୍ପା କାଳୀପୂଜା ମେଳାରେ ଶୁକ୍ରବାର ଖାଦ୍ୟ ନିରାପତ୍ତା ବିଭାଗ ପକ୍ଷରୁ ଚଢ଼ାଉ କରାଯାଇଛି। ଭଦ୍ରକ ଜିଲା ମୁଖ୍ୟ ଡାକ୍ତରଖାନାର ଡିପିଏଚ୍‌ଓ ତଥା ଖାଦ୍ୟ ନିରାପତ୍ତା ପାଇଁ ଡେଜିଗ୍‌ନେଟେଡ୍ ଅଧିକାରୀ ଡା. ଭାରତୀ ରାଉତଙ୍କ ନିର୍ଦ୍ଦେଶ କ୍ରମେ ଖାଦ୍ୟ ନିରାପତ୍ତା ଅଧିକାରୀ ବିଭୁଦତ୍ତ ଦାସଙ୍କ ନେତୃତ୍ୱରେ ଚଢ଼ାଉ କରାଯାଇଥିଲା। କାଳୀପୂଜା ମଣ୍ଡପ ନିକଟସ୍ଥ ଖାଦ୍ୟ ଷ୍ଟଲ୍‌ଗୁଡ଼ିକରେ ଅଧିକାରୀମାନେ ଯାଞ୍ଚ କରି ବାସି ଓ କୃତ୍ରିମ ରଙ୍ଗଯୁକ୍ତ ଖାଦ୍ୟ ସବୁ ନଷ୍ଟ କରିଥିଲେ। ଏଥିସହ ଖାଦ୍ୟ ନିରାପତ୍ତା ଆଇନ-୨୦୦୬ର ଧାରା ୬୯ ଅବମାନନା ଅପରାଧରେ ୧ ହଜାର ଟଙ୍କା ଜରିମାନା ଆଦାୟ ହୋଇଛି। ଖାଦ୍ୟ ନିରାପତ୍ତା ଆଇନ ସମ୍ପର୍କିତ ପ୍ରଚାରପତ୍ର ବଣ୍ଟାଯାଇ ବ୍ୟବସାୟୀମାନଙ୍କୁ ସଚେତନ କରାଯାଇଛି। ଏମ୍‌ଟିଏସ୍ କର୍ମଚାରୀ ସୁଶାନ୍ତ ନନ୍ଦଙ୍କ ସହ ଅନ୍ୟ କର୍ମଚାରୀମାନେ ଚଢ଼ାଉରେ ସାମିଲ ଥିଲେ।

# କୁଡୁମାଳି ନୃତ୍ୟରେ ଝୁମିଲେ ଦର୍ଶକ

**କୁଡୁମୀ ସମ୍ପ୍ରଦାୟର ଧୁଙ୍ଗୁଆନ ମହୋତ୍ସବ**

ପାଟଣା,୨୯।୧୦(ସ୍ୱ.ପ୍ର.)



ମଞ୍ଚାସୀନ ଅତିଥିମାନେ।

କେନ୍ଦୁଝର ଜିଲା ପାଟଣା ଥାନା ଅନ୍ତର୍ଗତ କୁଣ୍ଡଳା ପଞ୍ଚାୟତ କୁଣ୍ଡଳା ଗ୍ରାମରେ ଶୁକ୍ରବାର କୁଡୁମୀ ସମ୍ପ୍ରଦାୟର ଲୋକକଳା, ସଂସ୍କୃତି ଓ କୁଡୁମାଲି ଭାଷା ସମ୍ବଳିତ ୫ମ ଧୁଙ୍ଗୁଆନ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। କେନ୍ଦୁଝର ଓ ମୟୂରଭଞ୍ଜ ଜିଲାରୁ ୨୮ଗୋଟି ଧୁଙ୍ଗୁଆନ ଦଳ ଏଥିରେ ଅଂଶ ଗ୍ରହଣ କରିଥିଲେ। ଧୁଙ୍ଗୁଆନ ନୃତ୍ୟ ଗୀତ ଦେଖିବାକୁ ୩ ହଜାରରୁ ଊର୍ଦ୍ଧ୍ୱ ଦର୍ଶକଙ୍କ ସମାଗମ ହୋଇଥିବା ବେଳେ ସମସ୍ତେ କୁଡୁମାଲି ନୃତ୍ୟଗୀତରେ ଝୁମିଥିଲେ। ଆୟୋଜିତ ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟ ଅତିଥି ଭାବେ ବଡ଼ବିଲ ମ୍ୟୁନିସିପାଲିଟି ପୂର୍ବତନ କାଉନ୍‌ସିଲର ତଥା ସାମାଜିକ କର୍ମୀ ଲଛମନ ମହାନ୍ତ, ସମ୍ମାନିତ ଅତିଥି ଭାବେ ପାଟଣା ବ୍ଲକର ୨୩ ନଂ. ଜୋନ୍‌ର ଜିଲାପରିଷଦ ସଦସ୍ୟା ରୁନୁ ମହାନ୍ତ, କୁଣ୍ଡଳା ସରପଞ୍ଚ ଶତ୍ରୁଘନ ନାଏକ, ସମିତିସଭ୍ୟା ଅହଲ୍ୟା ମହାନ୍ତ, ରାଜ୍ୟ ଭରସା ସ୍ୱେଚ୍ଛାସେବୀ ସଂଗଠନ ଅଧ୍ୟକ୍ଷ ଲମ୍ବୋଦର ମହାନ୍ତ, ସାମାଜିକ କର୍ମୀ ରାଇଚରଣ ମହାନ୍ତ ପ୍ରମୁଖ ଯୋଗଦେଇଥିଲେ। ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା ୨୮ଗୋଟି ଦଳ ମଧ୍ୟରୁ କେନ୍ଦୁଝରରୁ କବିତ୍ରା ଧୁଙ୍ଗୁଆନ ଦଳ ପ୍ରଥମ, ସାହାରପଡ଼ା ବ୍ଲକ୍‌ର ତାଳପଦା ଦଳ ଦ୍ୱିତୀୟ, ପାଟଣା ବ୍ଲକ୍‌ର ବାଘମରା ଦଳ ତୃତୀୟ, ମୟୂରଭଞ୍ଜ ଜିଲାର ସଲରାପଦା ଦଳ ଚତୁର୍ଥ ଓ ସାହାରପଡ଼ା ବ୍ଲକ୍‌ର ମାଛଗଡ଼ ପୁରୁଣାସାହି ଦଳ ୫ମ ସ୍ଥାନ ଅଧିକାର କରିଥିଲେ। କୃତକାର୍ଯ୍ୟ ହୋଇଥିବା ପ୍ରତିଯୋଗୀଙ୍କୁ ଅନୁଷ୍ଠାନ ତରଫରୁ ଅର୍ଥରାଶି ସହ ଟ୍ରଫି ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। କୁଣ୍ଡଳା ଧୁଙ୍ଗୁଆନ କମିଟି ତରଫରୁ ମହୋତ୍ସବ ପରିଚାଳନା କରାଯାଇଥିଲା।

# ୬ଷ୍ଠ ଦିନରେ ଭଦ୍ରକାଳୀଙ୍କ ମହାସରସ୍ୱତୀ ବେଶ

ଭଦ୍ରକ ଅଫିସ,୨୯।୧୦

**ଆଜି ମହାଯଜ୍ଞର ପୂର୍ଣ୍ଣାହୁତି**

ମା' ଭଦ୍ରକାଳୀ ସପ୍ତମାତୃକା ବେଶର ୬ଷ୍ଠ ଦିନରେ ଶନିବାର ମହାସରସ୍ୱତୀ ବେଶରେ ଦର୍ଶନ ଦେଇଛନ୍ତି। ଏହି ବେଶରେ ମା' ଚାରି ହସ୍ତରେ ବେଦ, ଜପାମାଳି, ପଦ୍ମ ଓ ବୀଣା ଧାରଣ କରିଥିବା ବେଳେ ମୁଖମଣ୍ଡଳ ଶ୍ୱେତ ବର୍ଣ୍ଣ ଥିଲା। ଶ୍ୱେତ ପାଟବସ୍ତ୍ର ପରିଧାନ କରିବା ସହ ସ୍ୱର୍ଣ୍ଣ ଓ ରୌପ୍ୟ ଅଳଙ୍କାରରେ ଭୂଷିତ ହୋଇଥିଲେ। ପଦ୍ମ ଆସନରେ ହଂସ ବାହନରେ ମା' ବିରାଜମାନ କରିଥିଲେ। ମା'ଙ୍କ ମହାସରସ୍ୱତୀ ବେଶକୁ ଦର୍ଶନ କରିବା ପାଇଁ ସକାଳୁ ଭକ୍ତମାନଙ୍କର ଲମ୍ବାଧାଡ଼ି ଲାଗିଥିଲା। ରବିବାର ମା' ଭଦ୍ରକାଳୀ ମହାଲକ୍ଷ୍ମୀ ବେଶରେ ପୂଜା ପାଇବେ। ଏଥିସହ ଦୀପାବଳିଠାରୁ ଆରମ୍ଭ ହୋଇଥିବା ବିଶ୍ୱଶାନ୍ତି ମହାଯଜ୍ଞର ପୂର୍ଣ୍ଣାହୁତି ରବିବାର ସୂର୍ଯ୍ୟାସ୍ତ ପୂର୍ବରୁ ଅନୁଷ୍ଠିତ ହେବ।


ମା' ଭଦ୍ରକାଳୀ ଶନିବାର ମହାସରସ୍ୱତୀ ବେଶରେ ଦର୍ଶନ ଦେଉଛନ୍ତି।

